ଇ-ମେଲ୍ : samaja.relief@gmail.com

'ସମାଜ ରିଲିଫ ପାଣ୍ଠି'କୁ ଦାନ

ମୁଖ୍ୟ କାର୍ଯ୍ୟାଳୟ : ସମାଜ ରିଲିଫ ପାଣ୍ଠି, ଗୋପବନ୍ଧୁ ଭବନ, ବକ୍ସିବଜାର, କଟକ-୭୫୩୦୦୧

Samaj Relief Fund Account No.: 3217012100000311

IFSC : PUNB0491100

ଯୋଗାଯୋଗ : Ph : 0671-2301184, 2301240 (Ext-155), 7328835121 Mob.: 7735555554, 8456818840

ବି.ଦ୍ର : ଭାରତ ସରକାରଙ୍କ ନିୟମ ଅନୁଯାୟୀ ଦାନ ସମୟରେ ଦାତା ପ୍ୟାନ୍ କାର୍ଡ କିମ୍ବା ଆଧାର କାର୍ଡ ନମ୍ବର ଦେବାକୁ ଅନୁରୋଧ

ଇଚ୍ଛୁକ ବଦାନ୍ୟ ବ୍ୟକ୍ତି ଏହି QR Code ମାଧ୍ୟମରେ ରିଲିଫ୍ ପାଣ୍ଠିକୁ ଦାନ ଦେଇ ତାହାର Screen Short ଉପରେ ଦର୍ଶାଯାଇଥିବା ରିଲିଫ୍ ମେଲ୍‌କୁ ପଠାଇବାକୁ ଅନୁରୋଧ।

ଡ. ପଟେଲ ବଲ୍ଲଭ ଭାଇ ଜନ୍ମ ଦିବସ ଉପଲକ୍ଷେ...

କଟକ : ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ତିରୋଧାନ ଦିବସରେ ଜନ୍ମ ଗ୍ରହଣ କରିଥିବା ଭୁବନେଶ୍ୱର ସହିଦନଗର ନିବାସୀ ତଥା ପୁରୀ ଜିଲା ନିମାପଡ଼ା କଲେଜର ପ୍ରାକ୍ତନ ଉଦ୍ଭିଦ ବିଜ୍ଞାନ ପ୍ରଫେସର ବହୁପାଠ୍ୟ ପୁସ୍ତକର ରଚୟିତା ଭାବେ ଖ୍ୟାତି ଅର୍ଜନ କରିଥିବା ଶାନ୍ତ, ସରଳ ଓ ଦରଦୀ ମଣିଷ ଡକ୍ଟର ପଟେଲ ବଲ୍ଲଭ ଭାଇ ଆଚାର୍ଯ୍ୟଙ୍କ ୭୫ ବର୍ଷ ଶୁଭ ଜନ୍ମଦିବସ (ତା.୧୫।୧୨) ପାଳନ ଅବସରରେ ପରିବାରବର୍ଗ, ବନ୍ଧୁ ଓ ଶୁଭେଚ୍ଛୁମାନେ ତାଙ୍କର ଦୀର୍ଘ, ସୁଖୀ, ନିରାମୟ ଜୀବନ ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରି ଶୁଭେଚ୍ଛା ଜ୍ଞାପନ ପୂର୍ବକ ରାଜ୍ୟର ଦୁଃସ୍ଥ, ଅସହାୟ, ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ସହାୟତା ନିମନ୍ତେ ୭୫୦୧ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରିଛନ୍ତି।

ତରଣୀସେନ ଗଡ଼ନାୟକଙ୍କ ସ୍ମୃତିରେ...



କଟକ : ଢେଙ୍କାନାଳ ନିବାସୀ ତରଣୀସେନ ଗଡ଼ନାୟକଙ୍କ ଏକାଦଶାହ (ତା.୧୫।୧୨) ପାଳନ ଅବସରରେ ତାଙ୍କର ପରିବାରବର୍ଗ ଦିବ୍ୟ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା କରିବା ପୂର୍ବକ ତାଙ୍କର ଅମ୍ଳାନ ସ୍ମୃତିରେ ରାଜ୍ୟର ଦୁଃସ୍ଥ, ଅସହାୟ ଓ ପୀଡ଼ିତଙ୍କ ସହାୟତା ନିମନ୍ତେ ୫୫୫୫ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରିଛନ୍ତି।

ନବକିଶୋର ନାୟକଙ୍କ ସ୍ମୃତିରେ...



କଟକ : ଯାଜପୁର ଜିଲା ରାମେଶ୍ୱରପୁର ଗ୍ରାମ ନିବାସୀ ନବକିଶୋର ନାୟକଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ (ତା.୧୫।୧୨) ପାଳନ ଅବସରରେ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନମାନେ ଦିବ୍ୟ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ତାଙ୍କର ଅମ୍ଳାନ ସ୍ମୃତିରେ ରାଜ୍ୟର ଦୁଃସ୍ଥ, ଅସହାୟ ଓ କର୍କଟ ରୋଗରେ ପୀଡ଼ିତଙ୍କ ସହାୟତା ନିମନ୍ତେ ୫୦୦୪ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ପ୍ରଦାନ କରିଛନ୍ତି।

ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ସ୍ମୃତିରେ...



କଟକ : ମୟୂରଭଞ୍ଜ ଜିଲା ବାରିପଦା ସହର ଅନ୍ତର୍ଗତ ବଡ଼ ବଜାର ନିବାସୀ ପୂର୍ବତନ ସହକାରୀ ବାଣିଜ୍ୟକର କମିସନର ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ଏକାଦଶ ଶ୍ରାଦ୍ଧବାର୍ଷିକୀ (ତା.୧୫।୧୨) ପାଳନ ଅବସରରେ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନମାନେ ଦିବଂଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ତାଙ୍କର ଅମ୍ଳାନ ସ୍ମୃତିରେ ରାଜ୍ୟର ଦୁଃସ୍ଥ, ଅସହାୟ ଓ ପୀଡ଼ିତଙ୍କ ସହାୟତା ନିମନ୍ତେ ୫୦୦୦ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରିଛନ୍ତି।

ହେମନ୍ତ କୁମାର ସାହୁଙ୍କ ସ୍ମୃତିରେ...



ବାଲେଶ୍ୱର : ସ୍ଥାନୀୟ ସ୍ୱସ୍ତିନଗର ନିବାସୀ ତଥା 'ସମାଜ' ପୂର୍ବତନ ମୁଖ୍ୟ ପରିଚାଳକ ହେମନ୍ତ କୁମାର ସାହୁଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ (ତା.୧୫।୧୨) ପାଳନ ଅବସରରେ ତାଙ୍କ ଧର୍ମପତ୍ନୀ - ରୀତାଞ୍ଜଳି, ପୁତ୍ର-ବୀରବିକ୍ରମ, କନ୍ୟା-ଏସ୍.ସୁମନା, ଜ୍ୱାଇଁ-ରିୟାନ୍ତ, ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନଙ୍କ ପକ୍ଷରୁ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ପୂର୍ବକ ରାଜ୍ୟର ଦୁଃସ୍ଥ, ଅସହାୟଙ୍କ ଚିକିତ୍ସା ଓ ସହାୟତା ନିମନ୍ତେ ୫୦୦୦ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରାଯାଇଛି।

ଅନୁଷ୍ଠାନ ପକ୍ଷରୁ ସମସ୍ତ ଦାତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଜାତୀୟ ଶକ୍ତି ସଂରକ୍ଷଣ ଦିବସ-୨୦୨୫

'ଶକ୍ତି ସଞ୍ଚୟ ହେଉଛି ଶକ୍ତି ଉତ୍ପାଦନ'

ଭୁବନେଶ୍ୱର, ୧୪।୧୨ (ନି.ପ୍ର): ଜାତୀୟ ଶକ୍ତି ସଂରକ୍ଷଣ ଦିବସ-୨୦୨୫ ଅବସରରେ ଲୋକସେବା ଭବନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମରେ ଯୋଗଦେଇ ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଲେ, ଶକ୍ତି ସଂରକ୍ଷଣକୁ କେବଳ ଏକ ଅଭ୍ୟାସ ଭାବରେ ନୁହେଁ; ବରଂ ଏକ ଜାତୀୟ କର୍ତ୍ତବ୍ୟ ଭାବରେ ଗ୍ରହଣ କରିବା ଆବଶ୍ୟକ। ପ୍ରତ୍ୟେକ ଘରେ ଆର୍ଥିଂ ଏବଂ ସ୍ମାର୍ଟ ମିଟର କାର୍ଯ୍ୟାନ୍ୱୟନ ଶକ୍ତି କ୍ଷତି ହ୍ରାସ କରିବାର ସମ୍ଭାବନା ରଖେ। ଓଡ଼ିଶା ସରକାର ଜଳବାୟୁ ସ୍ଥିରତା ଏବଂ ସ୍ଥାୟୀ ବିକାଶ ଉପରେ ଜାତୀୟ ମିଶନ ସହିତ ସମନ୍ୱୟ ରଖି ଶକ୍ତି ଦକ୍ଷତା ଏବଂ ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।

ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ ଉଲ୍ଲେଖ କରିଥିଲେ, ଶକ୍ତି ସଂରକ୍ଷଣ ଉପରେ ଧ୍ୟାନ ଦିଆଯିବା ଉଚିତ। ପମ୍ପଡ ଷ୍ଟୋରେଜ ନୀତି ପୂର୍ବରୁ କାର୍ଯ୍ୟକାରୀ ହୋଇଛି। ସମ୍ପ୍ରତି ଭାସମାନ ସୌର ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ

ଅଯଥା ବିଜୁଳି ଅପଚୟ ରୋକିବା ଜାତୀୟ କର୍ତ୍ତବ୍ୟ

ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶକ ଡ. କେ. ମୁରୁଗେସନ ଶକ୍ତି ସଂରକ୍ଷଣ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବାକୁ କହିଥିଲେ। ସିପିଆରଆଇର ପୂର୍ବତନ ମହାନିର୍ଦ୍ଦେଶକ ଏ.କେ. ତ୍ରିପାଠୀ ଗ୍ରିଡ୍ ସ୍ଥିରୀକରଣ ସହିତ ନବୀକରଣୀୟ ଶକ୍ତି କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ମନୋଜ କୁମାର ତ୍ରିପାଠୀ ଶକ୍ତି ସଂରକ୍ଷଣ ପ୍ରୟାସ ସମ୍ପର୍କରେ କହିଥିଲେ। ସମାରୋହରେ ସିପିପି/ଆଇପିପି, ଇସ୍ପାତ ଏବଂ ବିଦ୍ୟୁତ୍, ଏମ୍ଏସଏମଇ, ଶିକ୍ଷାନୁଷ୍ଠାନ ଇତ୍ୟାଦି ବିଭିନ୍ନ ବର୍ଗର ବିଜେତାଙ୍କୁ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର (ଓଏସଇସିଏ)ରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଇଞ୍ଜିନିୟର ଅଶୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ। ସକାଳେ ଉପମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ ସଚେତନତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା କଳିଙ୍ଗ ଷ୍ଟାଡିୟମର ୩ ନମ୍ବର ଫାଟକରୁ ଲୋକସେବା ଭବନ ପର୍ଯ୍ୟନ୍ତ ହୋଇଥିଲା। ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଶ୍ରେଷ୍ଠ ୩ ଛାତ୍ରଛାତ୍ରୀଙ୍କୁ କ୍ରମାନ୍ୱୟରେ ୮୦୦୦, ୫୦୦୦ ଏବଂ ୩୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ଛାତ୍ରଛାତ୍ରୀଙ୍କୁ ସ୍ମାରକୀ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ମୋକିମଙ୍କ ଚିଠି ପ୍ରସଙ୍ଗରେ ମୁହଁ ଖୋଲିଲେ ଭକ୍ତ

'ଯିଏ ବିଜେପି ସମ୍ପର୍କରେ ଅଛ ଛାଡ଼ି ପଳାଅ'

ଭୁବନେଶ୍ୱର, ୧୪।୧୨ (ନି.ପ୍ର): କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ ଲେଖିଥିବା ଚିଠିକୁ ନେଇ ପିସିସି ସଭାପତି ଭକ୍ତ ଦାସ ରବିବାର ମୁହଁ ଖୋଲିଛନ୍ତି। ନୂଆଦିଲ୍ଲୀରେ ସେ କହିଛନ୍ତି, ଯେଉଁମାନେ ବିଜେପି ସମ୍ପର୍କରେ ଅଛନ୍ତି, ସେମାନେ ଚାଲିଯିବା ଦରକାର। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ବହୁ ପରିଶ୍ରମ କରି ଦଳକୁ ଆଗକୁ ନେଉଛନ୍ତି। ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇବା ଠିକ ନୁହେଁ। ଦଳରେ ରହି ବିରୋଧୀ କାର୍ଯ୍ୟ କଲେ ପାର୍ଟିରେ କୌଣସି ସ୍ଥାନ ନାହିଁ ବୋଲି ଶ୍ରୀ ଦାସ ରବିବାର ଏକ ଜାତୀୟ ଗଣମାଧ୍ୟମକୁ କହିଛନ୍ତି। ଶ୍ରୀ ଦାସ ଏହି ପ୍ରସଙ୍ଗରେ ଏଆଇସିସି ସଭାପତି ଶ୍ରୀ ଖଡ଼ଗେ ଓ ବିରୋଧୀ ଦଳ ନେତା ରାହୁଲଙ୍କ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ତାରିଖରେ ରାଜ୍ୟ କଂଗ୍ରେସର ନେତୃତ୍ୱକୁ ନେଇ ବରିଷ୍ଠ ନେତା ମୋକିମ ପ୍ରଶ୍ନ ଉଠାଇଥିଲେ।

ସ୍ୱାମୀଙ୍କ ନାମରେ ଯାତ୍ରା ଅଭିନେତ୍ରୀଙ୍କ ବଳାତ୍କାର ଅଭିଯୋଗ

ଶ୍ରୀକ୍ଷେତ୍ରଙ୍କୁ ଅଦାଲତ ଚାଲାଣ

କୃଷ୍ଣପ୍ରସାଦ, ୧୪।୧୨ (ନି.ପ୍ର): ତୁଳସୀ ଗଣନାଟ୍ୟର ନାୟିକା ସୋନାଲି ପଣ୍ଡା ପୁରୀ ଜିଲା କୃଷ୍ଣପ୍ରସାଦ ଥାନାରେ ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ସାମନ୍ତସିଂହାରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। କୃଷ୍ଣପ୍ରସାଦ ପୁଲିସ ଘଟଣାର ତଦନ୍ତ କରି ସ୍ୱାମୀ ଶ୍ରୀକ୍ଷେତ୍ରଙ୍କୁ ଭୁବନେଶ୍ୱରସ୍ଥିତ ଫରେଷ୍ଟ ପାର୍କ ଅଞ୍ଚଳରୁ ଗିରଫ କରି ରବିବାର ଅଦାଲତ ଚାଲାଣ କରିଛି। ସ୍ତ୍ରୀକୁ ବଳାତ୍କାର ଅଭିଯୋଗରେ ସ୍ୱାମୀ ଗିରଫ ଘଟଣାକୁ ନେଇ ଯାତ୍ରା ଜଗତରେ ହଇଚଇ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, କୃଷ୍ଣପ୍ରସାଦ ବ୍ଲକ ଅଧୀନସ୍ଥ ସାନଅଁଳ ଗ୍ରାମର ଭରତ ପଲେଇଙ୍କ ଝିଅ କାଗଜି ପଲେଇ (ସୋନାଲି) ୨୦୧୪ ମସିହାରେ ନୂଆପଡ଼ା ପଞ୍ଚାୟତ ଖଟିସାହି ଗ୍ରାମର ଦିଲୀପ ଦଳେଇଙ୍କ ପୁଅ ଶ୍ରୀକ୍ଷେତ୍ରଙ୍କୁ ପ୍ରେମ ବିବାହ କରିଥିଲେ। ୨୦୧୬ ମସିହାରେ ଉଭୟଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ପରେ ଉଭୟ ଦମ୍ପତି ଅର୍ଥ ରୋଜଗାର ଆଶାରେ ଯାତ୍ରା ଜଗତରେ ପାଦ ଥାପିଥିଲେ। କିଛି ଦିନ ପରେ ଜଣେ ପ୍ରଯୋଜକଙ୍କ ନିର୍ଦ୍ଦେଶରେ କାଗଜି ନିଜ ନାମ ସୋନାଲି ପଣ୍ଡାକୁ ପରିବର୍ତ୍ତନ କରିଥିବା ସ୍ୱାମୀ ଶ୍ରୀକ୍ଷେତ୍ର ଅଭିଯୋଗ କରିଥିଲେ। ଅପରପକ୍ଷେ ପ୍ରଯୋଜକଙ୍କ ଚାପରେ ଶ୍ରୀକ୍ଷେତ୍ରଙ୍କୁ ସୋନାଲି ଉପେକ୍ଷା କରିବାରୁ ଉଭୟ ଦମ୍ପତିଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ସ୍ୱାମୀଙ୍କ ଅଭିଯୋଗ ପରେ ସୋନାଲି ପାଲଟା ଅଭିଯୋଗ କରିଥିଲେ। ଅନିଚ୍ଛା ସତ୍ତ୍ୱେ ନାବାଳିକା ଅବସ୍ଥାରେ ତାଙ୍କୁ ପ୍ରେମ ବିବାହ କରିବା ସହ ନିର୍ଯାତନା ଦେଉଥିବା ସୋନାଲି ଅଭିଯୋଗରେ ଉଲ୍ଲେଖ କରିଥିଲେ। ଶ୍ରୀକ୍ଷେତ୍ରଙ୍କୁ ପୁଲିସ ଗିରଫ କରିବା ପରେ ଉଭୟଙ୍କ ଔରସରୁ ଜନ୍ମିତ ୧୦ ବର୍ଷର ପୁଅ ଯସରାଜ ସାମନ୍ତସିଂହାର ମାନସିକ ଚାପରେ ଭାଙ୍ଗି ପଡ଼ିଛି। ୪ ମାସ ପୂର୍ବେ ପୁଅ ଯସରାଜ ବାପା ଶ୍ରୀକ୍ଷେତ୍ରଙ୍କୁ ସୁରକ୍ଷା ଦାବିରେ କୃଷ୍ଣପ୍ରସାଦ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଘଟଣା ସଂପର୍କରେ କୃଷ୍ଣପ୍ରସାଦ ଥାନା ଅଧିକାରୀ ଭାବଗ୍ରାହୀ ରାଉତଙ୍କୁ ଟେଲିଫୋନ୍ କଲେ ସୁଦ୍ଧା ସେ ସୂଚନା ଦେବେ କହି ସୂଚନା ଦେଉନଥିବାରୁ ପ୍ରଶାସନ ଭୂମିକାକୁ ନେଇ ସନ୍ଦେହ ଘନୀଭୂତ ହେଉଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

ଗାଡ଼ି ଓ ଘର ଜାଳିଦେବା ଘଟଣା

ଅଟକ ମହିଳାଙ୍କୁ ଚିକିତ୍ସାଳୟ ପଠାଇଲା ପୁଲିସ

ବାଲିଅନ୍ତା, ୧୪।୧୨ (ନି.ପ୍ର): ବାଲିଅନ୍ତା ଥାନା ଅଞ୍ଚଳରେ ଗାଡ଼ି ଓ ଘର ଜାଳିଦେବା ଘଟଣାରେ ଅଟକ ଥିବା ମହିଳା ଗୀତା ଭୋଇଙ୍କୁ ପୁଲିସ ରବିବାର ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ପୁଲିସ ସୂଚନା ମୁତାବକ, ଗୀତା ୨୦୨୩ରୁ ମାନସିକ ବିକାରଗ୍ରସ୍ତ ହୋଇଥିଲେ। ସେବେଠୁ ତାଙ୍କୁ ପରିବାର ଲୋକେ କଟକରେ ଚିକିତ୍ସା କରୁଥିଲେ। ପରିବାର ଲୋକେ ପ୍ରତ୍ୟେକ ଦିନ ଖାଦ୍ୟରେ ଔଷଧ ଦେଇଥାଆନ୍ତି। ମହିଳାଙ୍କୁ ଘରେ ତାଲା ପକାଇ ରଖିଥାନ୍ତି। ପରିବାର ଲୋକଙ୍କ କହିବା କଥା, ମହିଳାଜଣଙ୍କ ପୂର୍ବରୁ ଗାଁ ପାଖରେ ଅଗ୍ନିକାଣ୍ଡ ଘଟାଇଥିଲେ। ପରିବାର ଲୋକେ ଏନେଇ ଜାଣିବା ପରେ ପ୍ରତ୍ୟେକ ଦିନ ନିଦ ଔଷଧ ଦେଇ ଘରେ ଶୁଆଇବା ସହିତ ଜଗିଥାନ୍ତି। ୧୫ ଦିନ ପୂର୍ବେ ମହିଳା ଜଣଙ୍କ କୁଆଡ଼େ ପଳାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ସୂଚନା ପାଇଥିଲେ ଯେ, ସେ ନିଜ ବାପଘରେ ଥିଲେ। ସେ ଶୁକ୍ରବାର ବିଳମ୍ବିତ ରାତ୍ରରେ ବାପଘରୁ ବାହାରି ଘରପାଖରେ ପହଞ୍ଚି ସେଠି ଅଗ୍ନିକାଣ୍ଡ ଘଟାଇ ପୁଣି ବାପ ଘରକୁ ଫେରିଥିଲେ। ଆସିବା ବାଟରେ ୮ଟି ସ୍ଥାନରେ ଅଗ୍ନିକାଣ୍ଡ ଘଟାଇଥିଲେ। ଏଥିରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିଲା। ପୁଲିସ କ୍ଷୟକ୍ଷତି ଘଟିଥିବା ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ କେବଳ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଅନିଲ୍ କୁମାର ପରିଡ଼ା କହିଛନ୍ତି।

ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ବାଲିପାଟଣା, ୧୪।୧୨: ଜମିରେ କୋବି କାଟୁଥିବାବେଳେ ବିଦ୍ୟୁତ୍ ସ୍ପର୍ଶରେ ଆସି ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ବ୍ଲକ ଅଠାନ୍ତର ପଞ୍ଚାୟତ ବାରିଲୋ ଗ୍ରାମର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ୫୩ ବର୍ଷୀୟ ବିଜୟ କୁମାର ଜେନା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁସାରେ, ବିଜୟ ନିଜ ବିଲରେ ଲଗାଇଥିବା କୋବି ଫସଲରେ ଶନିବାର ପାଣି ମଡ଼ାଇ ଘରକୁ ଫେରିଥିଲେ। ରବିବାର ସକାଳୁ ସେ କୋବି କାଟିବାକୁ ଗଲାବେଳେ ବିଲରେ ପଡ଼ିଥିବା ବିଦ୍ୟୁତ୍ ତାର ସ୍ପର୍ଶରେ ଆସି ସେଠାରେ ଅଚେତ ହୋଇଯାଇଥିଲେ। ତାଙ୍କୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ମଶାଣିରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସ୍ଥାନୀୟ ସରପଞ୍ଚ ଅଜିତ କୁମାର ମହାନ୍ତି ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

'ଆପୋସ ବୁଝାମଣାରେ ଶାନ୍ତି-ସଦ୍‌ଭାବନା ସମ୍ଭବ'

ବ୍ରହ୍ମପୁର/ଗୋପାଳପୁର,୧୪।୧୨(ନି.ପ୍ର): ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମି ସ୍ଥିତ ହୋଟେଲ ସି ସାଇଡ ବ୍ରିଜ୍ ପରିସରରେ ୩ ଦିନ ଧରି ଚାଲିଥିବା ୩୫ତମ ଦକ୍ଷିଣ ଏସୀୟ ମୈତ୍ରୀ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଦିବସରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏସିଆର ବିଭିନ୍ନ ଦେଶରେ ଶାନ୍ତି ଓ ମୈତ୍ରୀଭାବ ବଜାୟ ରଖିବା ପାଇଁ ଦକ୍ଷିଣ ଏସୀୟ ମୈତ୍ରୀ ସଂଗଠନ ଏକ ମାଧ୍ୟମ(ସେତୁ) ଭଳି କାମ କରୁଛି ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ 'ପଡୋଶୀ ଆଗ' ନୀତି ବିଷୟରେ ସେ ମତ ରଖି କୂଟନୀତିର ମୂଳଦୁଆ ବାଣିଜ୍ୟ ବୋଲି କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦକ୍ଷିଣ ଏସିଆର ବିଭିନ୍ନ ଦେଶ ମଧ୍ୟରେ ସାଂସ୍କୃତିକ ଓ ପାରମ୍ପରିକ ସାମଞ୍ଜସ୍ୟ ରହିଛି। ହେଲେ ଗରିବୀ, ପ୍ରାକୃତିକ ବିପର୍ଯ୍ୟୟ, ଆତଙ୍କବାଦ ଭଳି ବିଭିନ୍ନ ସମସ୍ୟା ଲାଗିରହିଛି। ଏହାର ସମାଧାନ ଦିଗରେ ଉଦ୍ୟମ ହେବା ଉଚିତ ବୋଲି କୁଳପତି ମତ ଦେଇଥିଲେ। ବିଶିଷ୍ଟ ମଧୁମେହ ବିଶେଷଜ୍ଞ ପ୍ରଫେସର(ଡା) ପି. ରବି କୁମାର ସମ୍ମାନିତ ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ଦକ୍ଷିଣ ଏସିଆର ବିଭିନ୍ନ ଦେଶର ଲୋକମାନେ ଚିକିତ୍ସା ପାଇଁ ଭାରତକୁ ଆସୁଛନ୍ତି ବୋଲି କହିଥିଲେ। ଦକ୍ଷିଣ ଏସୀୟ ମୈତ୍ରୀ ସଂଗଠନ ସଭାପତି ତଥା ଲୋକସେବକ ମଣ୍ଡଳ ଉପସଭାପତି ଦୀପକ ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀର ପୃଷ୍ଠପୋଷକ ତଥା ପଞ୍ଜାବର ପୂର୍ବତନ ପୁଲିସ ଡିଜି ଡ. ଡି.ଆର ଭାଟ୍ଟି ସଭାରେ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ଓଡିଶା, ଦିଲ୍ଲୀ, ପଞ୍ଜାବ, ଗୁଜରାଟ, ମଣିପୁର, ତ୍ରିପୁରା, ଆସାମ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଭଳି ୧୮ଟି ରାଜ୍ୟର ପ୍ରତିନିଧି ଯୋଗ ଦେଇ ଦକ୍ଷିଣ ଏସିଆରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସଂଗଠନର ଆଜୀବନ ସଦସ୍ୟ ଡ. ଶଙ୍କର ମାଝୀ ମଞ୍ଚ ପରିଚାଳନା ଓ ରବିନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ଡ. ନୈନା ଭେକାରିଆ, ରୋନମି ଡେକା, ଏ. ଜଗଦୀଶନ, ଗଣେଶ୍ୱର ବେହେରା, ଏମ୍. ଫାତିମା, ତୁଳସୀରାମ ଜଗତ, କିଶୋର୍ ଦର୍ଶନ ତଲମାଲେ ପ୍ରମୁଖ ଉପସ୍ଥିତ ଥିଲେ।

ଦକ୍ଷିଣ ଏସୀୟ ମୈତ୍ରୀ ସମ୍ମିଳନୀ ଉଦ୍‌ଯାପିତ

ଶିଶୁ ବାଟିକା ପିଲାଙ୍କୁ ମିଳିନି ପୋଷାକ

ଭୁବନେଶ୍ୱର,୧୪।୧୨(ନି.ପ୍ର): ଶିକ୍ଷାବର୍ଷ ସରିବାକୁ ବସିଲାଣି, ହେଲେ ଶିଶୁ ବାଟିକା ପିଲାଙ୍କୁ ବିଦ୍ୟାଳୟରେ ପୋଷାକ ମିଳିନି।

ନୂତନ ସରକାର ଆସିବା ପରେ ରାଜ୍ୟରେ ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ ହେଲା। ସେହି ଆଧାରରେ ୪୫ ହଜାର ବିଦ୍ୟାଳୟରେ ଶିଶୁ ଶ୍ରେଣୀ ଖୋଲାଗଲା। ଶିଶୁ ଶ୍ରେଣୀରେ ଶିକ୍ଷାବର୍ଷ ଆରମ୍ଭରୁ ପିଲାମାନେ ନାମ ଲେଖାଇଥିଲେ। ପିଲାଙ୍କ ପାଇଁ ଦୁଇ ହଳ ପୋଷାକ, ହାଉସ ଡ୍ରେସ, ଟୋପି, ପରିଚୟ ପତ୍ର ଓ ଜୋତା ମୋଜା ପାଇଁ ଏକ ହଜାର ଟଙ୍କା ସରକାରଙ୍କ ତରଫରୁ ଅର୍ଥ ରାଶି ବ୍ୟବସ୍ଥା କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ଏହି ଟଙ୍କା ଦିଆଯାଇ ନାହିଁ। ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ପୋଷାକ ଦିଆଯାଇଥିଲେ ମଧ୍ୟ ଶିଶୁବାଟିକା ପିଲାଙ୍କୁ ପୋଷାକ ଯୋଗାଇ ଦିଆଯାଇ ନାହିଁ। ଶିଶୁ ବାଟିକା ପିଲାଙ୍କ ମଧ୍ୟରୁ କେହି କେହି ପୁରୁଣା ପୋଷାକ ପିନ୍ଧି ଆସୁଛନ୍ତି ତ କେହି ଅଙ୍ଗନବାଡ଼ି ପୋଷାକ ପିନ୍ଧି ବିଦ୍ୟାଳୟକୁ ଆସୁଛନ୍ତି। ଅଭିଭାବକ ବିଦ୍ୟାଳୟରେ ଆସି ଶିକ୍ଷକଙ୍କୁ କେବେ ପୋଷାକ ମିଳିବ ବୋଲି ପଚାରୁଛନ୍ତି। ଶିଶୁବାଟିକା ବିଦ୍ୟାର୍ଥୀଙ୍କୁ ତୁରନ୍ତ ପୋଷାକ ଯୋଗାଇ ଦେବାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା)ର ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ସଂଘ ତରଫରୁ ଦାବି କରିଛନ୍ତି।

ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରୁ ଆୟ

୧୪।୧୨।୨୦୨୫

୮,୧୭,୪୧୧ ଟଙ୍କା

ଜୈବପ୍ରଯୁକ୍ତିବିଜ୍ଞାନରେ ଡକ୍ଟରେଟ୍



ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରୁ ଜୈବପ୍ରଯୁକ୍ତି ବିଜ୍ଞାନରେ **ପୁଣ୍ୟଧାରା ପାଣି** ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ସେ ଉକ୍ତ ବିଶ୍ୱବିଦ୍ୟାଳୟର ଜୈବପ୍ରଯୁକ୍ତି ବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର ଡାଃ ନରେଶ ଚନ୍ଦ୍ର ବଳଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Biochemical and Histological Characterization of Striated Muscle Adaptations to Environmental and Metabolic Challenges Utilizing Avian and Mammalian Models" ସନ୍ଦର୍ଭଟି ରଚନା କରି ଉକ୍ତ ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ସନ୍ଦର୍ଭଟି ପ୍ରଫେସର ସୁବାଶ ଚନ୍ଦ୍ର ଗୁପ୍ତାଙ୍କ (ବାୟୋକେମିଷ୍ଟ୍ରି ବିଭାଗ ମୁଖ୍ୟ ଏମ୍ସ୍ ଗୁଆହାଟି)ଙ୍କର ନିରୀକ୍ଷଣରେ ଏବଂ ପ୍ରଫେସର ଏସ୍.କେ.ଏସ୍ ପରାଶର, ଭିସି ନୋମିନି ଭାବେ ଉପସ୍ଥିତ ଥାଇ ଉଚ୍ଚକୋଟିର ପ୍ରଶଂସା ଲାଭ କରିଛି। ଡକ୍ଟର ପାଣି କିଛି ଗବେଷଣା ପ୍ରବନ୍ଧ, ସମୀକ୍ଷା ପ୍ରବନ୍ଧ, ଗୋଟିଏ ପୁସ୍ତକ ଅଧ୍ୟାୟ ପ୍ରକାଶ କରିଥିବା ସହ ଗୋଟିଏ ପୁସ୍ତକର ସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଷ୍ଟ୍ରାଇଏଟେଡ ମାଂସପେଶୀ ଜୀବରସାୟନ ନିମନ୍ତେ ତାଙ୍କ ଗଭୀର ଆଗ୍ରହ ଥାଇ, ସେ ଭବିଷ୍ୟତରେ ଶିକ୍ଷାକ୍ଷେତ୍ରରେ ଏକ ସୁଯୋଗ ସମ୍ପନ୍ନ ପେଶା ଗଢ଼ିବାକୁ ଆଶା ରଖିଛନ୍ତି। ଏହି ସଫଳତା ପାଇଁ ଡକ୍ଟର ପାଣି ତାଙ୍କ ମାତା ଡକ୍ଟର ପ୍ରିୟମ୍ବଦା ଦାଶ, ପିତା ରବି ନାରାୟଣ ପାଣି, ସ୍ୱାମୀ ଦୀପକ କୁମାର ତ୍ରିପାଠୀ ଓ ଭାଇ ଜ୍ୟୋତିର୍ମୟ ପାଣିଙ୍କୁ ସମ୍ପୂର୍ଣ୍ଣ ଶ୍ରେୟ ପ୍ରଦାନ କରିଛନ୍ତି।

କଥା କଥାରେ - ଶିଳ୍ପୀ ଅଶୋକ

ବଢ଼ା ଦରମାକୁ ନେଇ ରାଜନୀତି
ହେଲାଣି ଗରମା ଗରମ,
ଅନେକ ହୁଅନ୍ତି କୁତୁକୁତୁ ଆଉ
ଅନେକଙ୍କୁ ଲାଗେ ସରମ।
ରାଜ୍ୟସାରା ସ୍ଥିତି ଉଷ୍ମମ,
ଯିଏ ବି ଶୁଣୁଛି ନାକ ଟେକୁଅଛି
ଦେଖି ଏ ଓଲମ ବିଲମ !!

ସ୍ୱାସ୍ଥ୍ୟ ବିଭାଗରେ ପଦୋନ୍ନତି ପରେ ସେବା ପ୍ରଭାବିତ

ସ୍ଥାନାନ୍ତର କଲେ; ବିକଳ୍ପ ଦେଲେନି

ଭୁବନେଶ୍ୱର, ୧୪।୧୨ (ନି.ପ୍ର): ରାଜ୍ୟର ଏବେ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସି ଅଧିକାରୀଙ୍କ ସଙ୍କଟ ଦେଖାଦେଇଛି। ଫାର୍ମାସି ଅଧିକାରୀଙ୍କ ପଦୋନ୍ନତି ପରେ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି। କେଉଁମାନେ ଏହି ଦାୟିତ୍ୱ ବହନ କରିବେ ତାହାକୁ ନେଇ ପ୍ରଶ୍ନବାଚୀ ଉଠିଛି। ନିକଟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୦୭୮ ଫାର୍ମାସି ଅଧିକାରୀଙ୍କ ପଦୋନ୍ନତି ନିମନ୍ତେ ତାଲିକା ପ୍ରକାଶ ପାଇଥିଲା। ତାଲିକା ପ୍ରକାଶ ପରେ ବିକଳ୍ପ ବ୍ୟବସ୍ଥା ନକରି ରିଲିଭ କରିଦେଲେ। ଏହାଦ୍ୱାରା ପୂର୍ବ ଅଧିକାରୀ କାର୍ଯ୍ୟ କରୁଥିବା ସ୍ଥାନ ଏବେ ଖାଲି ପଡ଼ିଛି। ଏନେଇ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ସେବା କାର୍ଯ୍ୟ ପ୍ରଭାବିତ ହୋଇଛି। ଅନ୍ତତଃ ନୂଆ ନିଯୁକ୍ତି ନହେବା ପର୍ଯ୍ୟନ୍ତ ପୂର୍ବ ସ୍ଥାନରେ କାର୍ଯ୍ୟ କରିବାକୁ ଦାବି ହୋଇଛି।

ଫାର୍ମାସି ଅଧିକାରୀଙ୍କ ନୂଆ କ୍ୟାଡର ହିସାବରେ ମୂଳ ପଦ ବୃଦ୍ଧି ହେବା ସହିତ ପଦୋନ୍ନତି ମଧ୍ୟ ମିଳିବ। ବିଶେଷକରି ବରିଷ୍ଠ ଫାର୍ମାସି ଅଧିକାରୀ ଭାବେ ପଦୋନ୍ନତି ମିଳିଛି। ହେଲେ ନୂଆ ନିଯୁକ୍ତି ଉପରେ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଏହାଦ୍ୱାରା ଏବେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସି ଅଧିକାରୀ ପଦ ଖାଲି ପଡ଼ିଛି। ପୂର୍ବରୁ ମୂଳ ପଦବୀ ଅନୁସାରେ ସଂଖ୍ୟା କମ୍ ଥିବାବେଳେ ଏବେ ନୂଆ ପଦୋନ୍ନତି ପରେ ସମସ୍ୟା ବଢ଼ିବାରେ ଲାଗିଛି। ରାଜ୍ୟର ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥା ଗୁରୁତର ହୋଇଛି। ଅନେକ ସମୟରେ ଡାକ୍ତରଙ୍କ ଅନୁପସ୍ଥିତ ବା ଛୁଟି ସମୟରେ ଫାର୍ମାସି ଅଧିକାରୀ ରୋଗୀସେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ହେଲେ ଏବେ ସମସ୍ୟା ବଢ଼ିବାରେ ଲାଗିଛି।

ତଥ୍ୟ ଅନୁସାରେ, ଫାର୍ମାସି ଅଧିକାରୀଙ୍କ ମୂଳପଦ ୩୪୦୦ ଥିବାବେଳେ ୨୦୨୩ ସେପ୍ଟେମ୍ବରରେ କ୍ୟାଡର ପୁନର୍ବିନ୍ୟାସ କରାଯାଇଥିଲା। ଏହାପରେ ପଦ ସଂଖ୍ୟା ୫୦୦୨କୁ ବୃଦ୍ଧି ହୋଇଥିଲା। ଏବେ ରାଜ୍ୟରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଭେଷଜ ମହାବିଦ୍ୟାଳୟରେ ମୋଟ ୨୨ ଶହ ଫାର୍ମାସି ଅଧିକାରୀ କାର୍ଯ୍ୟ କରୁଛନ୍ତି। ଏବେ ବିଭିନ୍ନ ହସ୍ପିଟାଲରେ ନିରାମୟ କେନ୍ଦ୍ର ବଢ଼ୁଥିବା ଓ ନୂଆ କରି ହେଲ୍‌ଥ ୱେଲନେସ୍ କେନ୍ଦ୍ର ମଧ୍ୟ ଖୋଲୁଛି। ଅଧିକାରୀଙ୍କ ଅଭାବ ଯୋଗୁଁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଶେଷକରି ପଦୋନ୍ନତି ପରେ ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟ କରିବାକୁ କୁହାଯାଉଛି। ଏବେ ରାଜ୍ୟରେ ୧୪ଟି ଭେଷଜ ମହାବିଦ୍ୟାଳୟ ସାଙ୍ଗକୁ ୩୨ ଜିଲା ମୁଖ୍ୟ ଚିକିତ୍ସାଳୟ, ୨୭ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ, ୩୭୬ ଗୋଷ୍ଠୀ, ୧୨୩୪ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଛି। ସେହିପରି ୧୧୬ ସହରାଞ୍ଚଳ ପ୍ରାଥମିକ ଏବଂ ୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ପ୍ରାୟ ସବୁ ସ୍ଥାନରେ ନିରାମୟ କେନ୍ଦ୍ର ଖୋଲିଥିବାବେଳେ ଆବଶ୍ୟକ ଅନୁସାରେ ଅଧିକାରୀ ନାହାନ୍ତି। ବର୍ତ୍ତମାନ ଫାର୍ମାସି ଅଧିକାରୀ ପଦୋନ୍ନତି ହୋଇଛି। କିନ୍ତୁ ନୂଆ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇନାହିଁ। ଏନେଇ ଫାର୍ମାସି ଅଧିକାରୀ ସେବା ସଂଘର ସଭାପତି ଶୁଭଲକ୍ଷ୍ମୀ ସ୍ୱାଇଁ କହିଛନ୍ତି, ନୂଆ ନିଯୁକ୍ତି ନହେବା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏବେ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାଧାରଣ ରୋଗୀ ହଟହଟା ହେଉଛନ୍ତି। ସେହିପରି ପୂର୍ବତନ ସଭାପତି ଚିନ୍ମୟ ସିହ୍ନା ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ସେ ପଦୋନ୍ନତିକୁ ସ୍ୱାଗତ କରିବା ସହିତ ନୂଆ ନିଯୁକ୍ତି ଉପରେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

MCL ମହାନଦୀ କୋଲ୍‌ଫିଲ୍‌ଡସ୍ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5278

BIJU PATNAIK NATIONAL STEEL INSTITUTE
(UNDER MINISTRY OF STEEL, GOVERNMENT OF INDIA)
Ispat Bhawan, 271, Bidyut Marg, Unit-4,
Sastri Nagar, Bhubaneswar-751001, Odisha.
Website: www.bpnsi.org, E-mail: - bpnsi@bpnsi.org

Ref: BPNSI/HR/Trainers/12/2025 Date: 12.12.2025

Biju Patnaik National Steel Institute invites applications for engagement to the position of **"Trainers"** purely on contract basis for providing professional services as per requirement of the Institute for Kalinga Nagar campus. The detailed advertisement is available at the official website of the Institute **"https://www.bpnsi.org"**. The applications with relevant enclosures should be sent through post only on or before **31st December 2025 up to 5PM.**

Manager- FHR